## ସଂକ୍ଷେପରେ

### ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ,୬।୧୨:** ସ୍ଥାନୀୟ ଏନ୍‌ଜିଓ ହଲ୍ ଠାରେ ବାମ୍‌ସେଫ୍, ଭାରତ ମୁକ୍ତି ମୋର୍ଚ୍ଚା ଏବଂ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ମିଳିତ ଆନୁକୂଲ୍ୟରେ ବାବା ସାହେବ ଡ. ଭୀମ୍ ରାଓ ଆମ୍ବେଡକରଙ୍କ ୬୩ତମ ମହା ପରିନିର୍ବାଣ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସୁଦୀପ ସାହୁ ମୁଖ୍ୟଅତିଥି, ହାଡ଼ିକୁଳ ମହାସଂଘର ଜିଲା ସଭାପତି ସୁକାନ୍ତ ମୁଖି, ସମ୍ପାଦକ ଚିନ୍ତାମଣୀ ନାୟକ, ମେହେନ୍ତର ସଂଘର ସଭାପତି ଦେବେନ୍ଦ୍ର ଘଡ଼େଇ ଏବଂ ସାମାଜିକ କର୍ମୀ ସାଜିଦ୍ ହୁସେନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଅଚ୍ୟୁତ ତିରମୁନ୍ ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନୀ ଆଲୋକପାତ କରିଥିଲେ । ବାମ୍‌ସେଫ୍‌ର ଗଞ୍ଜାମ ଜିଲା ସମ୍ପାଦକ ଜି. ଦେବେନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ ।

### ଶିଳ୍ପାଞ୍ଚଳରେ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୬।୧୨:** ଗଞ୍ଜାମ ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକଙ୍କ ମା' ରେଖାଙ୍କିକା ନାୟକଙ୍କ ଦ୍ୱାଦଶାହ ଦିବସରେ ଶିଳ୍ପାଞ୍ଚଳ ପଣ୍ଡା କଲୋନୀରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବିଡିଏ ଅଧକ୍ଷ ସୁବାସ ମହାରଣା, ବିଜେଡି ନେତା ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମହାନଗର ନିଗମର ପୂର୍ବତନ ମେୟର କେ. ମାଧବୀ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ, ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ରାଓଙ୍କ ସମେତ ବିଭିନ୍ନସ୍ତରର ଅନେକ ବ୍ୟକ୍ତି ଯୋଗ ଦେଇଥିଲେ । ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଅଗ୍ନିବିପନ୍ନଙ୍କୁ ସହାୟତା

**ବ୍ରହ୍ମପୁର ଅଫିସ୍,୬।୧୨:** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧୀକରଣ କମିଟିର ହସ୍ତକ୍ଷେପ ପରେ ପୋଲସରା ବ୍ଲକ ଉସ୍ତାପଡା ଗ୍ରାମର ଅଗ୍ନି ବିପନ୍ନ ୨ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇଛି । କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ଶରତ ସ୍ୱାଇଁ ଓ ସୁଶାନ୍ତ ସ୍ୱାଇଁଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା । ଏ ନେଇ ଖବରପାଇବା ପରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ସ୍ଥାନୀୟ ତହସିଲଦାରଙ୍କ ସହିତ ଆଲୋଚନା କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ । ପରେ ତହସିଲ ପ୍ରଶାସନ ପକ୍ଷରୁ ସରଜମିନ୍ ତଦନ୍ତ କରି ଉଭୟ ବିପନ୍ନ ପରିବାରକୁ ୩୨ଶହ ଟଙ୍କା ଅନୁକମ୍ପା ରାଶି ସହାୟତା ଏବଂ ଜରି ପାଲ ଯୋଗାଇ ଦିଆଯାଇଛି ।

### ଆଧାତ୍ମିକ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୬।୧୨:** ବ୍ରହ୍ମପୁର ସରକାରୀ ଆଇଟିଆଇ ଓ ଆଇଜର ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅଧାତ୍ମିକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆଇଟିଆଇ ଅଡିଟୋରିୟମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ମୁକୁଳାନନ୍ଦ ଆଲୋଚକ ଭାବେ ଯୋଗଦେଇ ବିଶ୍ୱର ସୃଷ୍ଟି ଉପରେ ଆଲୋକପାତ କରିଥଲେ । ଆଧାତ୍ମିକ ଚିନ୍ତନରେରତ ହୋଇ ସମାଜର କଲ୍ୟାଣରେ ନିଜକୁ ନିୟୋଜିତ କରିବାକୁ ସ୍ୱାମୀଜୀ ବୁଝାଇଥିଲେ । ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଆଇଟିଆଇ ଓ ଆଇଜରର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥଲେ ।

### ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଛତ୍ରପୁର,୬।୧୨(ଡି.ଏନ୍.ଏ.):** ଛତ୍ରପୁର ଥାନା ପୁରୁଣା ପାଟଣା ଗାଁ ନିକଟ ଏକ ବିଲ ପାର୍ଶ୍ୱରୁ ଜଣଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ଉଦ୍ଧାର ହୋଇଛି। ସେ ହେଲେ ଗଞ୍ଜାମ ବ୍ଲକ ରାଜପୁର ଗାଁର ଭୁଲା ଗୌଡ଼। ଭୁଲା ପୁରୁଣା ପାଟଣା ଗାଁ ନିକଟ ଧାନ ବିଲକୁ କାମ ପାଇଁ ଆସିଥିଲେ। ସନ୍ଧ୍ୟାରେ ବିଲ ପାର୍ଶ୍ୱରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ତାଙ୍କୁ ଉଦ୍ଧାର ଛତ୍ରପୁର ମେଡିକାଲକୁ ଅଣାଯାଇଥିଲା। ଖବର ପାଇ ଛତ୍ରପୁର ପୋଲିସ ତଦନ୍ତ ଚଳାଇଛି। ଶୁକ୍ରବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ।

---

କବିତାଙ୍କୁ ଭେଟିବାକୁ ଯାଇ ହଟହଟା

# ଜିଲା ମହିଳା କଂଗ୍ରେସ ନେତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବ୍ରହ୍ମପୁର ଅଫିସ୍,୬।୧୨**

ବ୍ରହ୍ମପୁର ବଡ ମେଡିକାଲର ସର୍ଜରୀ ୱାର୍ଡରେ ଜୀବନ ସହ ଲଢେଇ କରୁଥିବା ସ୍ୱାମୀ ପରିତ୍ୟକ୍ତା କବିତା ବାରିକ୍‌ଙ୍କୁ ଜିଲା ମହିଳା କଂଗ୍ରେସ ସେଲ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ ଓ ଅନ୍ୟମାନେ ଭେଟିବାକୁ ଯାଇ ହଟହଟା ହୋଇଥିବା ଅଭିଯୋଗ ହୋଇଛି । ପିଜି ଡାକ୍ତରୀ ପ୍ରଥମ ବର୍ଷର ଜଣେ ଛାତ୍ର ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଛାତ୍ର ଜଣକଙ୍କୁ ବଡମେଡିକାଲ ଅଧୀକ୍ଷକ ତାଗିଦ୍ କରିଥିଲେ । ପରେ ସେ ନିଜ ଦୋଷ ସ୍ୱୀକାର କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା । କବିତାଙ୍କ ସମ୍ପର୍କୀୟ ଏବଂ ପରିବାର ବର୍ଗ ତାଙ୍କ ବେଡ୍ ନିକଟରେ ଯେଭଳି ରହିବେ ସେଥିଲାଗି ସହଯୋଗ କରିବାକୁ ବୈଦ୍ୟନାଥପୁର ଥାନା ପୋଲିସକୁ ବଡମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା କହିଥିଲେ । ଏଥିସହ କବିତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ପ୍ରକାଶ ଯେ, ଶ୍ରୀନଗର ଅଞ୍ଚଳରେ ପାଞ୍ଚ ମାସ ହେଲା ଭଡାରେ ରହି ଆସୁଥିବା କବିତାଙ୍କ ଘରେ ୨ ତାରିଖରେ ମଶାଧୂପରୁ ନିଆଁ ଲାଗିଯିବାରୁ ସେ ପୋଡି ହୋଇଥିଲେ । ସେହି ସାହିର କିଛି ଯୁବକ କବିତାଙ୍କୁ ଉଦ୍ଧାର କରି ବଡ ମେଡିକାଲକୁ ନେଇଥିଲେ । ତାଙ୍କୁ ସର୍ଜରୀ ୱାର୍ଡ ୟୁନିଟ୍-୬ର ୨୬୪ ନଂ. ବେଡରେ ରଖାଯାଇଛି। କବିତାଙ୍କ ଶରୀରର ୯୦ ପ୍ରତିଶତ ପୋଡି ହୋଇଥିବା ବେଳେ ତାଙ୍କ ନିକଟରେ କେହି ସମ୍ପର୍କୀୟ ନ ଥିବାରୁ ସେତେବେଳେ ପୋଲିସକୁ ଡାକ୍ତର ସୂଚନା ଦେଇଥିଲେ । କବିତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ୩ ତାରିଖରେ ତାଙ୍କର ବୟାନ ରେକର୍ଡ କରାଯାଇ ୱାର୍ଡ ଆଟେଣ୍ଡାଣ୍ଟ୍ ଓ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗୁରୁବାର ଜିଲା ମହିଳା କଂଗ୍ରେସ ସେଲ ପକ୍ଷରୁ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ଉପସଭାନେତ୍ରୀ ଆରତୀ ପଟ୍ଟନାୟକ, ପଦ୍ମାବତୀ ବାଇ ଏବଂ ମହିଳା ଆଇନଜିବୀ ସିଲା ସୁପ୍ରିୟା ପ୍ରମୁଖ ଉକ୍ତ ୱାର୍ଡରେ ପହଞ୍ଚି କବିତାଙ୍କୁ ଭେଟିଥିଲେ । ହେଲେ ସେ ସମୟରେ ସେଠାରେ କାର୍ଯ୍ୟରତ ଥିବା ପିଜି ପ୍ରଥମ ବର୍ଷର ଜଣେ ଡାକ୍ତରୀ ଛାତ୍ର ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏପରିକି ଖବର ସଂଗ୍ରହ ପାଇଁ ଯାଇଥିବା କିଛି ଗଣମାଧମ ପ୍ରତିନିଧିଙ୍କୁ ମଧ୍ୟ ସେ ଛାଡି ନ ଥିଲେ । ଏହାକୁ ନେଇ ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ



କବିତାଙ୍କୁ ଭେଟିବାକୁ ଆସିଥିବା ଜିଲା ମହିଳା କଂଗ୍ରେସ ନେତ୍ରୀ ।

### ତାଗିଦ୍ ପରେ ଭୁଲ୍ ବୁଝିଲେ ଡାକ୍ତରୀ ଛାତ୍ର

ଯୁକ୍ତିତର୍କ ହୋଇଥିଲା । ଘଟଣା ସ୍ଥଳରେ ବଡମେଡିକାଲ ଅଧିକ୍ଷକ ପଣ୍ଡା ପହଞ୍ଚି ବୁଝାଶୁଝା କରିଥିଲେ । ବୈଦ୍ୟନାଥପୁର ଥାନା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ଏବଂ ମେଡିକାଲ ଫାଣ୍ଡି ପୋଲିସ ସଦଳେ ବଳେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ପରେ ଅଧିକ୍ଷକଙ୍କ କୋଠରୀରେ ଘଟଣା ସମ୍ପର୍କରେ ଆଲୋଚନା ହୋଇଥିଲା । ଗଣମାଧ୍ୟମର ପ୍ରତିନିଧି ମାନେ ପହଞ୍ଚି ଘଟଣାକୁ ନିନ୍ଦା କରିଥିଲେ । ଅଧିକ୍ଷକ ଡାକ୍ତର ପଣ୍ଡା ବଡମେଡିକାଲ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳଙ୍କୁ ମିଡିଆ ସେଲ୍ ପାଇଁ ଦାୟିତ୍ୱ ପ୍ରଦାନ କରିବା ସହ ଏମକେସିଜି ମେଡିକାଲ କଲେଜ ଅଧକ୍ଷ (ଡିନ୍) ପ୍ରଫେସର୍ ଡାକ୍ତର ରାଧାମାଧବ ତ୍ରିପାଠୀଙ୍କୁ କୋଠରୀକୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପୃକ୍ତ ଡାକ୍ତରୀ ଛାତ୍ରଙ୍କୁ ଅଧିକ୍ଷକ ତାଗିଦ୍ କରିଥିଲେ । କବିତାଙ୍କ ସମ୍ପର୍କରେ ଖଲ୍ଲିକୋଟ ଥାନାକୁ ଅବଗତ କରାଯାଇଥିବା ବେଳେ ଖବର ଲେଖାଯିବା ସୁଦ୍ଧା ତାଙ୍କର କେହି ସମ୍ପର୍କୀୟ ମେଡିକାଲକୁ ଆସି ନ ଥିବା ଦେଖାଯାଇଥିଲା ।

---

# ଗୃହରକ୍ଷୀ ପ୍ରତିଷ୍ଠା ଦିବସ: ୩ ଜଣ ପୁରସ୍କୃତ



ଡିଆଇଜି ଆଶିଷ କୁମାର ସିଂ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

**ହ୍ମପୁର ଅଫିସ୍,୬।୧୨**

ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ଆମ୍ବପୁଆ ନିକଟସ୍ଥ ରିଜର୍ଭ ପୋଲିସ ପଡିଆ ଠାରେ ଗୁରୁବାର ୫୬ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗୃହରକ୍ଷୀ ବାହିନୀ ପକ୍ଷରୁ ଅନୁଷ୍ଠିତ ପ୍ୟାରେଡରେ ଦକ୍ଷିଣାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ (ଡିଆଇଜି) ଆଶିଷ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ନିୟନ୍ତ୍ରଣ କାର୍ଯ୍ୟରେ ସବୁଠାରେ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଉଛି ବୋଲି ଉପସ୍ଥିତ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଡିଆଇଜି ପଢି ଶୁଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ଡିଏସପି ଜିଆଇବି ଅଜୟ ମିଶ୍ର, ପ୍ରୋବେସନର ଡିଏସ୍‌ପି ସାନ୍ତା ନବତନ ସାମଦ୍, ସଦର ଏସଡିପିଓ ଅଶୋକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ସମସ୍ତ ଥାନା ଆଇଆଇସି ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩ ଗୃହରକ୍ଷୀଙ୍କୁ ଡିଆଇଜି ପୁରସ୍କୃତ କରିଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ବୈଦ୍ୟନାଥପୁର ଥାନାର ଗୃହରକ୍ଷୀ ଚନ୍ଦନ କୁମାର ରଣା, ଅପରାଧିକ ଗୁପ୍ତ ତଥ୍ୟ ସୂଚନା ପ୍ରଦାନ ପାଇଁ ସଦର ଥାନାର ଉଦୟନାଥ ସ୍ୱାଇଁ ଏବଂ ଠିକ୍ ଦାୟିତ୍ୱ ତୁଲାଇବା ସକାଶେ କେ.ନୂଆଗାଁ ଥାନାର ଲୁଲୁ ଗୌଡ ପୁରସ୍କାର ସହ ମାନପତ୍ର ଗ୍ରହଣ କରିଛନ୍ତି ।

### ବଜରଙ୍ଗ ଦଳ ପାଳିଲା ଶୌର୍ଯ୍ୟ ଦିବସ

**ବ୍ରହ୍ମପୁର ଅଫିସ,୬।୧୨:** ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଜିଲା ସଂଯୋଜକ ଗୌତମ ମହାରଣା ଓ ନଗର ସଂଯୋଜକ ନୀଳାଞ୍ଚଳ ବିଶୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାରେ ବାବ୍‌ରୀ ଢ଼ାଞ୍ଚା (ମସଜିଦ) ଭଙ୍ଗା ଯିବାର ୨୬ ବର୍ଷ ପୂରିବା ସତ୍ତ୍ୱେ ସେଠାରେ ଏ ପର୍ଯ୍ୟନ୍ତ ରାମ ମନ୍ଦିର ନିର୍ମାଣ ହୋଇ ନ ଥିବାରୁ ଉଦବେଗ ପ୍ରକାଶ କରାଯାଇଥିଲା । ମନ୍ଦିର ନିର୍ମାଣ ଦାବିରେ ୭୬ ଥର ସଂଘର୍ଷ ଘଟିଛି ଏବଂ ବହୁ ସାଧୁସନ୍ଥ ଏବଂ ଶ୍ରୀରାମ ଭକ୍ତ ବଳିଦାନ କରିଥିବା ମନେ ପକାଇ ଦିଆଯାଇଥିଲା । ବାବରୀ ଧ୍ୱଂସ ସ୍ଥଳରେ ଅସ୍ଥାୟୀ ମନ୍ଦିର କରାଯାଇ ବିଗ୍ରହ ସ୍ଥାପନ ହୋଇଛି । ତେଣୁ ଡିସେମ୍ବର ୬ ତାରିଖକୁ ବଜରଙ୍ଗ ଦଳ ଶୌର୍ଯ୍ୟ ଦିବସ ଭାବେ ପାଳନ କରୁଥିବା କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସମ୍ପାଦକ ପ୍ରଶାନ୍ତ ପଣ୍ଡା, ସହ ସମ୍ପାଦକ ପ୍ରିୟନାଥ ଶର୍ମା, ବିଭାଗ ସମ୍ପାଦକ ରମାକାନ୍ତ ରଥ, ଜିଲା ସଭାପତି ଇଂ. ଅଶୋକ କୁମାର ପାଳ, କାର୍ଯ୍ୟକାରୀ ସଭାପତି ଡ଼ା. ଭବାନୀ ଶଙ୍କର ଦାସ, ସମ୍ପାଦକ ଅରୁଣ ପ୍ରସାଦ ପାଢ଼ୀ, ସନ୍ତୋଷ ସାମଲ, ଗଣେଶ ସାହୁ, ପ୍ରଶାନ୍ତ ପାଢ଼ୀ, ସଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

---

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଅନିଲ



@ ରଞ୍ଜନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

---

# ବିଶ୍ୱବିଦ୍ୟାଳୟରେ ନାଟକର ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ ହେଉ

**ବ୍ରହ୍ମପୁର ଅଫିସ,୬।୧୨**

ନିଳାଦ୍ରୀ ନାରାୟଣ ଫାଉଣ୍ଡେସନ ପକ୍ଷରୁ ଅଭିନେତା, ନାଟ୍ୟକାର ତଥା ନିର୍ଦ୍ଦେଶକ ସ୍ୱର୍ଗତ ନାରାୟଣ ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ସ୍ମୃତିରେ ସ୍ମୃତିରେ' କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ଗଞ୍ଜାମ କଳା ପରିଷଦ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଉଦଘୋଷକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଗଞ୍ଜାମ ଜିଲା ନାଟକର ଏନ୍ତୁଡିଶାଳ । ତେଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନାଟକ ଉପରେ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ କରାଯାଇ ପାରିଲେ ମଞ୍ଚନାଟକ ପୁନର୍ଜୀବିତ ହୋଇପାରିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଫାଉଣ୍ଡେଶନର ଅଧକ୍ଷ ମନୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଉଦଘୋଷିକା ସୁଦୀପ୍ତା ପାଣିଗ୍ରାହୀ, ଉତ୍କଳ ପ୍ରସଙ୍ଗର ପୂର୍ବତନ ସମ୍ପାଦକ ସତୀଶ ପାତ୍ର, ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ରାଜୁ ପାଢୀ, ରମେଶ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୂପୁର, ନୃତ୍ୟଧାରା, ଲଳିତା କଲଚୁରାଲ ଏକାଡେମୀ, ଲିଆନା ସ୍କୁଲ ଅଫ ଡ୍ୟାନ୍ସ ଏକାଡେମୀ ଆଦି ଅନୁଷ୍ଠାନର କଳାକାରମାନେ ଓଡିଶୀ, ପଲ୍ଲୀ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ । ନାଟ୍ୟବିତ ନୃସିଂହାନନ୍ଦ ମହାପାତ୍ର, ନୃତ୍ୟଗୁରୁ ସୁବାସ ଚନ୍ଦ୍ର ସାହୁ, ସୋନାଲି ସାବତ, କଣ୍ଠଶିଳ୍ପୀ ସତ୍ୟବାନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଉପସ୍ଥିତ ଅତିଥି ଓ ନୃତ୍ୟ ପରିବେଷଣ କରିଥିବା କଳାକାରମାନେ ।

---

ଅସଲି ଟଙ୍କିକିଆ, ଦଶଟଙ୍କିଆ କଏନକୁ ଅଚଳ କରିଛି ଗୁଜବ

# କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୬।୧୨**

ଛୋଟ ଏକ ଟଙ୍କିଆ ଏବଂ ଦଶ ଟଙ୍କିଆ କଏନ୍(ମୁଦ୍ରା) ଚଳୁ ନ ଥିବା ଗୁଜବକୁ ନେଇ ଏବେ ସହରରେ ସମସ୍ୟା ବଢ଼ିବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ କହୁଛି, ସବୁ ମୁଦ୍ରା ବୈଧ। ଅସଲି । କିନ୍ତୁ କେହି ମାନୁନାହାନ୍ତି । ଅନେକ ଦୋକାନରେ ଏଠାରେ ଦଶ ଟଙ୍କିଆ କଏନ୍ ଗ୍ରହଣ କରାଯାଏ ନାହିଁ ବୋଲି ସୂଚନା ଫଳକ ଲଗାଯାଇଛି । ବ୍ୟାଙ୍କଗୁଡ଼ିକରେ କୌଣସି ଅଧିକୃତ ସୂଚନା ଫଳକ ମରାଯାଇନି । କଏନକୁ ନେଇ ଆକାଉଣ୍ଟଧାରୀ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅନେକ ସମୟରେ ଯୁକ୍ତିତର୍କ ହେଉଛି । ସେପଟେ ଜିଲା ପ୍ରଶାସନ ତରଫରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଫଳରେ କଏନ୍ ଧରି କୁଆଡ଼େ ଯିବେ, କ'ଣ କରିବେ, ଏଭଳି ଚିନ୍ତା ଏବେ ଅନେକ ସହରବାସୀଙ୍କ ଘାରିଛି ।

ଗୁରୁବାର ବ୍ରହ୍ମପୁରର ସହରର କେତେକ ବାସିନ୍ଦା ଏ ନେଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ଯେ, ବିଭିନ୍ନ ଗୁଜବ ଯୋଗୁ ବ୍ରହ୍ମପୁର ବଜାରରେ ଏକ ଟଙ୍କିଆ ଏବଂ ଦଶ ଟଙ୍କିଆ କଏନ୍ ଚଳୁନି । ଯାହାଫଳରେ ବ୍ୟବସାୟ ପ୍ରଭାବିତ ହେବାରେ ଲାଗିଛି । ରିଜର୍ଭ ବ୍ୟାଙ୍କ ତରଫରୁ ବାରମ୍ବାର ସଚେତନ କରିବା ସହ ତାଗିଦ୍ କରାଯାଉଥିଲେ ମଧ୍ୟ କଏନ୍ ନେବାକୁ ବ୍ୟବସାୟୀମାନେ ରାଜି ହେଉନାହାନ୍ତି । ଏପରିକି ବ୍ୟାଙ୍କଗୁଡ଼ିକରେ ମଧ୍ୟ କଏନ୍‌କୁ ନେଉନି । ପ୍ରାୟ ଦେଢ଼ ବର୍ଷ ପୂର୍ବେ ଯେଉଁ ଗୁଜବ ସୃଷ୍ଟି ହୋଇଥିଲା, ତାହା ଆଜି ଯାଏଁ ଦୂର ହୋଇପାରିନି । ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ଯୋଗୁ ଦୂର ଦୂରାନ୍ତରରୁ ଆସୁଥିବା ବ୍ୟବସାୟୀମାନେ ହଇରାଣ ହେଉଛନ୍ତି । ଏଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସୌମ୍ୟରଂଜନ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଚେର ବିଷୋୟୀ, ସୂର୍ଯ୍ୟ ନାରାୟଣ, ରାଜ୍ କୁମାର , ରଞ୍ଜିତ କୁମାର ଦାସ, ବାଳକୃଷ୍ଣ ରଥଙ୍କ ସମେତ ବହୁ ସହରବାସୀ ଦାବିପତ୍ର ପ୍ରଦାନ କରିଛନ୍ତି ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସହର ବାସି ଟଙ୍କିକିଆ ଏବଂ ଦଶ ଟଙ୍କିଆ କଏନ୍ ଦେଖାଉଛନ୍ତି ।

### ରିଜର୍ଭ ବ୍ୟାଙ୍କକୁ ମାନୁନି ବ୍ୟାଙ୍କ

୨୦୧୬ ନଭେମ୍ବର ୨୧ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରମୁଖ ପରାମର୍ଶଦାତା ଅଲ୍ପନା କିଲିୱାଲା ମୁଦ୍ରାର ବୈଧତା ନେଇ ସ୍ପଷ୍ଟ ଘୋଷଣା କରିଥିଲେ । ଉଭୟ ନୂଆଁ ଏବଂ ପୁରୁଣା ଦଶ ଟଙ୍କିଆ କଏନ୍ ବୈଧ । ଟଙ୍କା ଦେଣନେଣ ନେଇଁ କୌଣସି ସମସ୍ୟା ସୃଷ୍ଟି ହେଲେ, ବ୍ୟାଙ୍କ ହିଁ ଭରସା । କିନ୍ତୁ ବ୍ରହ୍ମପୁରରେ ବ୍ୟାଙ୍କଗୁଡ଼ିକ ମଧ୍ୟ କଏନ୍ ନେଉନାହାନ୍ତି । ରିଜର୍ଭ ବ୍ୟାଙ୍କ ତରଫରୁ ବ୍ୟାଙ୍କଗୁଡ଼ିକ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ।

### ପୋଲିସ୍‌ରେ ହେଉନି ଅଭିଯୋଗ

ଦଶ ଟଙ୍କିଆ କଏନ୍ ନେବାକୁ କୌଣସି ବ୍ୟବସାୟୀ କିମ୍ବା ବ୍ୟାଙ୍କ ମନା କଲେ ପୋଲିସରେ ଅଭିଯୋଗ କରିବା ପାଇଁ ପୂର୍ବରୁ ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ଘୋଷଣା କରାଯାଇଥିଲା । କିନ୍ତୁ ଏହା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉନାହିଁ । ମାତ୍ର ଦଶ ଟଙ୍କା ପାଇଁ କାହିଁକି ପୋଲିସ୍ ପାଖକୁ ଯାଇ ଅଯଥାରେ ଆଇନ୍ ଝାମେଲାରେ ପଡ଼ିବାକୁ ଲୋକମାନେ ପସନ୍ଦ କରୁନାହାନ୍ତି ।

## ସଂକ୍ଷେପରେ

### କାଠ ବୋଝେଇ ଟ୍ରାକ୍ଟର ଜବତ

ପୋଲସରା,୬।୧୨ (ଡି.ଏନ.ଏ.)- ପୋଲସରା ବନାଞ୍ଚଳ ଢୁଙ୍କାପଡ଼ା ପଞ୍ଚାୟତ ବଡଦିଆପଲ୍ଲୀ ରାସ୍ତାରେ ବୁଧବାର ପୋଲସରା ବନ ବିଭାଗ ଚଢ଼ାଉ କରି ଏକ କାଠଗଣ୍ଡି ଭର୍ତ୍ତି ଟ୍ରାକ୍ଟରକୁ ଜବତ କରିଛି। ଏ ନେଇ ନଂ. ୩୦/୧୮ରେ ମାମଲା ରୁଜୁ ହୋଇଛି। ଉକ୍ତ ଟ୍ରାକ୍ଟରରେ ୫୦ ଘନଫୁଟର ଆମ୍ବ ଓ ପଣସ ଗଣ୍ଡି ବୋଝେଇ ହୋଇଯାଉଥିଲା। ଚଢ଼ାଉରେ ପୋଲସରା ରେଞ୍ଜର ରମେଶ ଚନ୍ଦ୍ର ସାହୁ, ଡେପୁଟି ରେଞ୍ଜର ଉମାକାନ୍ତ ଦାସ, ପୋଲସରା ବନପାଳ ହର ପ୍ରସାଦ ସାହୁ, ବୁଗୁଡ଼ା ରେଞ୍ଜର ଦୁଃଶାସନ ନାୟକ, ରମାକାନ୍ତ ହୋତା, ସୁଧୀର ପଟ୍ଟନାୟକଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

### ଅତିରିକ୍ତ ଜିଲାପାଳଙ୍କ ତହସିଲ ପରିଦର୍ଶନ

ଆସିକା,୬।୧୨(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ କବିନ୍ଦ୍ର ସାହୁ ଗୁରୁବାର ଆସିକା ତହସିଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ତହସିଲର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ମ୍ୟୁଟେସନ, ରୟଲଟି ଆଦାୟ, ଘରବାରି ପଟ୍ଟା, ବେ ବନ୍ଦୋବସ୍ତ, ଜବରଦଖଲ ମାମଲା, ସୂଚନା ଅଧିକାର ଓ ତିତ୍‌ଲି ସହାୟତା କାର୍ଯ୍ୟର ସମୀକ୍ଷା ସହ ତହସିଲଦାର ସୁବାଷ ଚନ୍ଦ୍ର ସେଠିଆଙ୍କୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ବାକିଆ କାମକୁ ତୁରନ୍ତ ସାରିବା ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲିଗୁଡା,୬।୧୨(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ତୁମୁଡିବନ୍ଧ ବ୍ଲକ ବେଲଘର ସ୍ଥିତ ଜଗତ୍‌ଜ୍ୟୋତି ଯୁବକ ସଂଘ ତରଫରୁ ଏକଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବେଲଘର ଥାନା ଭାରପ୍ରାପ୍ତ ଅଧିକାରୀ ଦଶରଥ ହେମ୍ବ୍ରମ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ନାଏବ ସରପଞ୍ଚ ମଙ୍ଗୁଲୁ ନାୟକ, ବେଲଘର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଶୁକ୍ଳା, ଯୁବକବି ସୀମାଞ୍ଚଳ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ କୁର୍ତ୍ତମଗଡ ଚାମ୍ପିୟନ ଓ ତୁମୁଡିବନ୍ଧ ରନର୍ସଅପ୍ ହୋଇଥିଲା। ଜଗତଜ୍ୟୋତି ଯୁବକ ସଂଘର ସଭାପତି ଶିଶିରକାନ୍ତ ନାୟକ, ସମ୍ପାଦକ ଶିବଶଙ୍କର ନାୟକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ଭାଜପାର ଜନପରାମର୍ଶ ଯାତ୍ରା

ଶେରଗଡ,୬।୧୨(ଡି.ଏନ୍.ଏ.): ଶେରଗଡ ବ୍ଲକ ଭାଜପା ପକ୍ଷର ଜନପରାମର୍ଶ ଯାତ୍ରା କାର୍ଯ୍ୟକ୍ରମ ମହୁପଦର ପଞ୍ଚାୟତରେ କରାଯାଇଛି। ଭାଜପାର ପୂର୍ବତନ ରାଜ୍ୟ ଉପସଭାପତି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ବ୍ଲକର ମହୁପଦର, ପଦ୍ମପୁର, ଆମ୍ବୁଆବାଡି, କେରିକେରି ଝୋଲା, ଢିଙ୍କିଶାଳ ଦଶମୁଣ୍ଡଳୀ ବାଦଗଡ, କୁଲାଗଡ ସମେତ ୫୬ ନଂ ଜୋନର ବହୁ ଗ୍ରାମରେ ପଦଯାତ୍ରା ହୋଇଥିଲା। ଏଥିରେ ନେତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ରାଜ୍ୟ ସରକାରଙ୍କ ବିଫଳତା ନେଇ ବର୍ଷିଥିଲେ। ମଣ୍ଡଳ ଯାତ୍ରା ପ୍ରମୁଖ କଂସ ସ୍ୱାଇଁ, ମଣ୍ଡଳସଭାପତି ଲକ୍ଷ୍ମୀକାନ୍ତ ପାତ୍ର, ସାଧରଣ ସମ୍ପାଦକ ଗୋଲକ ପରିଡା, ଯୁବନେତା କୈଳାଶ ବେହେରା, କୃଷକ ମୋର୍ଚ୍ଚା ସଭାପତି ବୃନ୍ଦାବନ ଦାଶ, ସାଧାରଣ ସମ୍ପାଦକ ଦୃତିକୃଷ୍ଣ ପଣ୍ଡାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ପଦଯାତ୍ରାରେ ଯୋଗ ଦେଇଥିଲେ।

### ଭୀମ ଭୋଇ ସାମର୍ଥ୍ୟ ଶିବିର

ଶଙ୍କରାଖୋଲ,୬।୧୨(ଡି.ଏନ୍.ଏ.): କନ୍ଧମାଳ ଜିଲା ଟିକାବାଲି ବ୍ଲକରେ ମଙ୍ଗଳବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ବିଡିଓ ଜସ୍ମିନ କୁମାର ପ୍ରଧାନ, ବ୍ଲକ ଅଧକ୍ଷା ସୁଚିତ୍ରା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ଦିଗାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୧୧ଟି ପଞ୍ଚାୟତର ୨୫୦ଜଣ ନାମ ପଞ୍ଜିକରଣ କରିଥିବାବେଳେ ୧୨୧ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତର, ଫୁଲବାଣୀ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଡାକ୍ତର ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର ପରିଚାଳନା କରିଥିବାବେଳେ ବ୍ଲକର ସରପଞ୍ଚ ସମିତିସଭ୍ୟ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସହଯୋଗ କରିଥିଲେ।

# କିରିକୁଟି, ପାଟାଙ୍ଗିରେ ମାଓବାଦୀ ପୋଷ୍ଟର

ଦାରିଙ୍ଗବାଡି,୬।୧୨(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା କିରିକୁଟି ଏବଂ ପାଟାଙ୍ଗି ନିକଟରେ ଗୁରୁବାର ମାଓବାଦୀ ବ୍ୟାନର ଏବଂ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏନେଇ ଅଞ୍ଚଳରେ ଆତଙ୍କ ଦେଖାଯାଇଛି।

ମାଓବାଦୀଙ୍କ ପକ୍ଷରୁ ଲଗାଯାଇଥିବା ବ୍ୟାନର ଓ ପୋଷ୍ଟରରେ ଗେରୁଆ ଆତଙ୍କବାଦୀ ସଂଘ ପରିବାରର ତାଣ୍ଡବଲିଳା ବିରୋଧରେ ଚଳିତ ମାସ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିରୋଧ ଦିବସ ପାଳନ କରିବାକୁ ନିବେଦନ କରାଯାଇଛି। ସେହିପରି ବ୍ରାହ୍ମଣୀୟ ଫାଶିବାଦ ବିରୋଧରେ ଏକଜୁଟ ହୋଇ ସଂଗ୍ରାମ କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି। ଧର୍ମ ନାମରେ ବିଦ୍ୱେଷ ଓ ଦଙ୍ଗା ବନ୍ଦ କରିବା ସହ ଗୋ ରକ୍ଷା ନାମରେ ଭିଡ ଦ୍ୱାରା ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ଆଦିବାସୀଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ନିବେଦନ କରାଯାଇଛି। ରାମ ମନ୍ଦିର ନିର୍ମାଣ ପାଇଁ ମୋହନ ଭାଗବତ ଓ ପ୍ରବୀଣ ତୋଗାଡିଆଙ୍କ ପଦଯାତ୍ରା ଓ ଦାବିକୁ ବିରୋଧ କରୁଥିବା ଉଲ୍ଲେଖ ରହିଛି। ସେହିପରି ଧାର୍ମିକ ସଂହତି ବଜାୟ



ମାଓବାଦୀଙ୍କ ପକ୍ଷରୁ ଲଗାଯାଇଥିବା ବ୍ୟାନର ଓ ପୋଷ୍ଟର।

ରଖିବାକୁ ଓଡିଶାରେ ସଂଘ ପରିବାର ଓ ବିଜେପିର ପ୍ରଭାବକୁ ରୋକିବା ପାଇଁ ଉଲ୍ଲେଖ ରହିଛି। ସେହିପରି ବିଜେପି ଦଳ ବିଜେଡି ସହ ଭିତିରିଆ ସମ୍ପର୍କ ରଖିଛି ଏହାକୁ ବିରୋଧ କରିବାକୁ ନିବେଦନ କରାଯାଇଛି। ନବୀନ ସରକାର ଓ ମୋଦି ସରକାର ମୁର୍ଦ୍ଦାବାଦ୍ ବୋଲି ଉଲ୍ଲେଖ ରହିଛି। ଜମ୍ମୁ କଶ୍ମୀର ଜନତାଙ୍କ ନ୍ୟାୟୋଚିତ ମୁକ୍ତି ଆନ୍ଦୋଳନ କୁ ସମର୍ଥନ କରନ୍ତୁ। ବିଚ୍ଛିନ୍ନାବାଦୀ, ଆତଙ୍କବାଦୀ ଓ ପାକିସ୍ତାନ ପ୍ରାୟୋଜିତ କହି ସରକାର ଚଳାଇଥିବା କ୍ରୁର ଦମନକୁ ବିରୋଧ କରିବାକୁ କୁହାଯାଇଛି। ସେହିପରି ସଂରକ୍ଷଣ ଉଠାଇବାକୁ ସଂଘ ପରିବାର ଷଡଯନ୍ତ୍ରକୁ ବିରୋଧ କରିବାକୁ ଉଲ୍ଲେଖ ରହିଛି ଏବଂ ଉଚ୍ଚ ଜାତି ଓ ସଂଘ ପରିବାର ଆକ୍ରମଣ ବିରୋଧରେ ସମସ୍ତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଏକ ହୋଇ

#### ଲୋକେ ଆତଙ୍କିତ

ସଂଗ୍ରାମ କରିବାକୁ ଆହ୍ୱାନ କରାଯାଇଛି। ସେହିପରି ବିଜେପି ସରକାର ପ୍ରଗତିଶୀଳ ଲେଖକ, କବି, ବୁଦ୍ଧିଜୀବୀ ଖବରଦାତା, ଓକିଲ, ସାମାଜିକକର୍ମୀ, ମାନବାଧିକାର କର୍ମୀ, ଗଣତନ୍ତ୍ର ଶକ୍ତି ଓ ଛାତ୍ରୀଛାତ୍ର, ମହିଳାଙ୍କ ଉପରେ ଚଳାଇଥିବା ଫାସିବାଦୀ ଦମନକୁ ପ୍ରତିରୋଧ ପାଇଁ ଉଲ୍ଲେଖ ରହିଛି। ଶେଷର ସେମାନେ ଧର୍ମନିରପେକ୍ଷ ଗଣତନ୍ତ୍ର ସମାଜ ପ୍ରତିଷ୍ଠା ପାଇଁ ମାଓବାଦୀଙ୍କ ନେତୃତ୍ୱରେ ସଙ୍ଗଠିତ ହୋଇ ଜନଯୁଦ୍ଧକୁ ତିବ୍ର କରିବାକୁ ଆହ୍ୱାନ କରିଛନ୍ତି। ବ୍ୟାନରରେ ଓଡିଶା ରାଜ୍ୟ କମିଟି ଭାରତର କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ବୋଲି ଲେଖାଯାଇଛି।

ପ୍ରକାଶ ଯେ, ମାଓବାଦୀଙ୍କ ପକ୍ଷରୁ ଲଗାଯାଇଥିବା ବ୍ୟାନରଟି କଳା ରଙ୍ଗର। ପୂର୍ବରୁ ମାଓବାଦୀଙ୍କ ପକ୍ଷରୁ ଦୀର୍ଘବର୍ଷ ଧରି ଲାଲ୍ ବ୍ୟାନର ଲାଗାଯାଉଥିଲା। କଳା ରଙ୍ଗର ବ୍ୟାନର ଲାଗିଥିବାରୁ ପୋଲିସ ଏହାକୁ ସନ୍ଦେହ କରିବା ସହ ସତ୍ୟାସତ୍ୟ ତଦନ୍ତ କରୁଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିବା ଜଣାପଡିଛି।

# ଜାଗ୍ରତ କନ୍ଧମାଳର ଲୋକାର୍ପଣ ଉତ୍ସବ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଫୁଲବାଣୀ ଅଫିସ, ୬।୧୨

କନ୍ଧମାଳ ଜିଲାରେ ବହୁ ମୌଳିକ ସମସ୍ୟା ରହିଛି। ଯାହା ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ। ସରକାରଙ୍କ ଯୋଜନା ବିଷୟରେ ମଧ୍ୟ ଲୋକେ ସଚେତନ ନୁହନ୍ତି। ଗ୍ରାମାଞ୍ଚଳର ଲୋକଙ୍କୁ ଏସବୁ ଉପରେ ସଚେତନ କରାଯିବ। ଆଇନ ଦିଗରେ ମଧ୍ୟ ଅବଗତ କରାଯିବ। ଜିଲାର ବିକାଶ ନିମନ୍ତେ ଗଠିତ ହୋଇଛି ଜାଗ୍ରତ କନ୍ଧମାଳ। ଲୋକଙ୍କ ସମସ୍ୟା ସମାଧାନରେ ଏହି ସଂଗଠନ କାର୍ଯ୍ୟ କରିବ ବୋଲି ଡ.ଭୀମରାଓ ଆମ୍ବେଡକରଙ୍କ ତିରୋଧାନ ଦିବସ ଅବସରରେ ଜାଗ୍ରତ କନ୍ଧମାଳର ଲୋକାର୍ପଣ ଉତ୍ସବରେ ଅତିଥିମାନେ ପ୍ରକାଶ କରଛନ୍ତି। ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡା, ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ଶୁଭେନ୍ଦୁ ମହାନ୍ତି, ଢେଙ୍କାନାଳ ବିକାଶ ପରିଷଦ ଆବାହକ ଡ. ଶାନ୍ତି ଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇ କନ୍ଧମାଳ ଜିଲାରେ ଥିବା ବହୁବିଧ ସମସ୍ୟା ଉପରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ୧୩ଟି ପ୍ରସ୍ତାବ ରଖାଯାଇଥିଲା। ଫୁଲବାଣୀରେ ମେଡିକାଲ କଲେଜ ସ୍ଥାପନ, ଜିଲାକୁ ରେଳ ଲାଇନ ସଂଯୋଗ, କାଗଜ କଳ ପ୍ରତିଷ୍ଠା, ଚାଷୀ ଭିତ୍ତିକ ଶିଳ୍ପ, ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ସହିତ ଦିଆଯାଇଥିବା ଜମି ପଟାର ଚିହ୍ନଟ ଆଦି ସମସ୍ୟା ଉପରେ ସଙ୍ଗଠନ ଲଢ଼େଇ ଜାରି ରଖିବ ବୋଲି ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା ପ୍ରକାଶ କରିଛନ୍ତି। ସଭାପତି ଅଙ୍ଗଦ କହଁର, କୁଇ ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ଘଟାଲ, ଜିଲା ବ୍ରାହ୍ମଣ ସମିତି ସଭାପତି ପୀତାମ୍ବର ମିଶ୍ର, ସମ୍ପାଦକ ବାଉରୀବନ୍ଧୁ ମିଶ୍ର, ଗୋପାଳ ସମାଜ ସଭାପତି ନବୀନ ଚନ୍ଦ୍ର ବରର୍ତ୍ତା, ବ୍ରହ୍ମା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ■ ତିଲୋରୀରେ ଗ୍ରାମସଭା

# ପାରିତ ହେଲା ଶତାଧିକ ପ୍ରକଳ୍ପ



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ, ଅତିଥି ଓ ଲୋକ ପ୍ରତିନିଧି।

ଦାରିଙ୍ଗବାଡି,୬।୧୨(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ତିଲୋରୀ ପଞ୍ଚାୟତରେ ବୁଧବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଷ୍ଣୁଚରଣ ପ୍ରଧାନ ଅଧକ୍ଷତା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ବେହେରା ଗ୍ରାମ ସଭାର ଉଦ୍ଦେଶ୍ୟ ଓ ପୂର୍ବରୁ ପାରିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ। କେବଳ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାକୁ ନେଇ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସାମୁହିକ ଏବଂ ବ୍ୟକ୍ତିଗତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡାପାଟ ଯୋଗଦେଇ ସରକାରଙ୍କ ଏମଜିଏନଇଆରଇଜିଏସ ଯୋଜନାରେ ସଫଳ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଇନ୍ଦ୍ରଜିତ ପ୍ରଧାନ, ୧୦ ନଂ ଜୋନ ଜିଲାପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠି, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା, ଗ୍ରାମ ରୋଜଗାର ସେବକ ନୀଳକଣ୍ଠ ପ୍ରଧାନଙ୍କ ସମେତ ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ବନ ବିଭାଗ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପାଙ୍ଗିଡ଼ି ଚାମ୍ପିୟନ

ବୁଗୁଡ଼ା,୬।୧୨(ଡି.ଏନ.ଏ.)

ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଗୁରୁବାର ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଙ୍ଗିଡ଼ି ଦଳ ଚାମ୍ପିୟନ ହୋଇଛି। ପାଙ୍ଗିଡ଼ି ଓ ବିରଞ୍ଚିପୁର ଟିମ ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ବିରଞ୍ଚିପୁର ୧୫ ଓଭରରେ ସମସ୍ତ ୱିକେଟ ହରାଇ ୯୧ ରନ୍ କରିଥିବା ବେଳେ ପାଙ୍ଗିଡ଼ି ୧୩.୪ ଓଭରରେ ୯ ୱିକେଟ ହରାଇ ୯୨ ରନ କରି ବିଜୟୀ ହୋଇଥିଲା। କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀରେ ତହସିଲଦାର ସଂଗ୍ରାମ କେଶରୀ ଜେନା ମୁଖ୍ୟଅତିଥି, ଏବିଡିଓ କୈଳାସ ଚନ୍ଦ୍ର ନାୟକ, ପାଙ୍ଗିଡ଼ି ସରପଞ୍ଚ ସୁଶାନ୍ତ କୁମାର ଆପଟ୍ଟ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ରା, କବିରାଜ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଙ୍ଗିଡ଼ି ଟିମ ଚାମ୍ପିୟନ ଟ୍ରଫି ପାଇଥିବା ବେଳେ ବିରଞ୍ଚିପୁର ଟିମ ରନର୍ସଅପ୍ ଟ୍ରଫି ଦ୍ୱାରା ପୁରସ୍କୃତ ହୋଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୨୨ଟିଟିମ୍ ଭାଗ ନେଇଥିଲେ। ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ସୁକାନ୍ତ ପାତ୍ର ଓ ନଗର ବିଜୁ ଯୁବ ବାହିନୀର ସଂଯୋଜକ ରାଜେନ୍ଦ୍ର କୁମାର ପ୍ରଧାନ ଏବଂ ଅନ୍ୟାନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

# ଆକ୍ରମଣ ମାମଲା: ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୬।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଦେଓଖାଳି ଛକରେ ୨ ପଡ଼ୋଶୀଙ୍କ ମଧ୍ୟରେ ଘଟିଥିବା ଆକ୍ରମଣ ପ୍ରତିଆକ୍ରମଣ ମାମଲାରେ କେ.ନୂଆଗାଁ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଦନମୋହନପୁର ଗ୍ରାମର ସୁରେନ୍ଦ୍ର ବେହେରା, ଅଶୋକ କୁମାର ରାଉଳ। ଉଭୟଙ୍କ ଏତଲାକ୍ରମେ ଆଇଆଇସି ସୁଜିତ କୁମାର ନାୟକ ନଂ. ୧୫୯/୧୮ ଓ ୧୬୦/୧୮ ଅନୁଯାୟୀ ପୃଥକ ପୃଥକ ମାମଲା ରୁଜୁ କରି କାତି ଜବତ କରିଥିଲେ। ବୁଧବାର ସକାଳେ ସୁରେନ୍ଦ୍ର ଦେଓଖାଳି ଛକରୁ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଅଶୋକ କାତିରେ ଆକ୍ରମଣ କରିଥିଲେ। ସୁରେନ୍ଦ୍ର କାତି ଛଡ଼ାଇ ଅଶୋକଙ୍କୁ ପାଲଟା ଆକ୍ରମଣ କରିଥିଲେ। ଗୁରୁତର ସୁରେନ୍ଦ୍ର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ଏତଲା ଦେଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ଧନଶ୍ୱେର ନାହାକ କହିଛନ୍ତି। ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବ୍‌ଜେଲ୍ ହାଜତକୁ ପଠାଯାଇଛି।

# ପ୍ରଶାନ୍ତ ଭାଜପା ଛାଡ଼ି କଂଗ୍ରେସରେ





ସମର୍ଥକଙ୍କ ସହ ଶୋଭାଯାତ୍ରାରେ ପ୍ରଶାନ୍ତ।

ଭଞ୍ଜନଗର,୬।୧୨(ଡି.ଏନ.ଏ.)

ଭଞ୍ଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ କିଛିବର୍ଷ ପୂର୍ବେ ଦଳଛାଡି ଭାଜପାକୁ ଚାଲିଯାଇଥିଲେ। ଏହାପରେ ସେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ହୋଇଥିଲେ। ଏହାପରେ ସେ ଗୁରୁବାର ପୁଣି କଂଗ୍ରେସକୁ ଫେରିଛନ୍ତି। ଏନେଇ ଭୁବନେଶ୍ୱର ପିସିସି ଅଫିସରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ମିଶ୍ରଣ ପର୍ବରେ ଦଳରେ ମିଶିଛନ୍ତି। ପ୍ରଶାନ୍ତ ନିଜ ସମର୍ଥକଙ୍କ ସହ ଭୁବନେଶ୍ୱରରେ ଏକ ରାଲିରେ ପିସିସି ଅଫିସକୁ ଯାଇ ଦଳରେ ମିଶିଥିଲେ। ଏହି ସମୟରେ ପିସିସି ସଭ୍ୟ ଦେବୀ ବିଷୋୟୀ, ଜଗନ୍ନାଥପ୍ରସାଦ ବ୍ଲକର ପୂର୍ବତନ ବ୍ଲକ ସଭାପତି ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପ୍ରଶାନ୍ତଙ୍କ ସହ ଯୋଗାଯୋଗ କରିବାରୁ ସେ ଧରିତ୍ରୀକୁ କହିଛନ୍ତି ଯେ, ଆଜି ଶତାଧିକ କର୍ମୀ ଭାଜପା ଛାଡି କଂଗ୍ରେସରେ ମିଶିଛନ୍ତି। ଏଥିସହ କଳିଙ୍ଗ ଦିବ୍ୟାଙ୍ଗ ସଂଘ, ଜଗନ୍ନାଥପ୍ରସାଦର କର୍ମକର୍ତ୍ତା ମାନେ ମଧ୍ୟ ମୋ ସହ କଂଗ୍ରେସରେ ମିଶିଛନ୍ତି। ଆଗାମୀ ଦିନରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରିବି। ଅପରପକ୍ଷେ ଏନେଇ ଭାଜପା କୁଲାଡ ମଣ୍ଡଳ ସଭାପତି ମନୋରଞ୍ଜନ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ପ୍ରଶାନ୍ତ ଭାଜପାରେ ମିଶିବା ପରେ ସେ ଜଣେ ଆତ୍ମଘୋଷିତ ନେତା ଥିଲେ, ତାଙ୍କ ଦଳ ଛାଡିବାରେ ଦଳର କୌଣସି କ୍ଷତି ହେବନାହିଁ। ତାଙ୍କ ସହ କୌଣସି ଭାଜପା କର୍ମୀ କିମ୍ବା ନେତା ଯାଇନାହାନ୍ତି।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର ଶୁକ୍ରବାର, ଡିସେମ୍ବର ୭/୨୦୧୮ Berhampur, Friday, December 7/ 2018

■ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ଦାବି

# ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ

ପାଟପୁର,୬।୧୨(ଡି.ଏନ.ଏ.)


ବିଦ୍ୟାଳୟ ଫାଟକରେ ତାଲା ପକାଯାଇଛି।

ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମହାରଣାଙ୍କ ବଦଳି ବାତିଲ ନେଇ ଶିକ୍ଷା କମିଟି ଓ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟରେ ତାଲା ପକାଇବା ସହ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ସମ୍ମୁଖରେ ବସାଇ ବିକ୍ଷୋଭ କରିଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଦାବିପତ୍ର ସାନଖେମୁଣ୍ଡି ବିଧାୟିକା ଓ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସାନଖେମୁଣ୍ଡି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଞ୍ଜୁକ୍ତା ପଟ୍ଟନାୟକ ବିଦ୍ୟାଳୟ ପହଞ୍ଚି ଆଲୋଚନା କରିଥିଲେ ସୁଦ୍ଧା ଗ୍ରାମବାସୀ ଓ ଶିକ୍ଷା କମିଟି ପ୍ରତିବାଦ ସ୍ଥଳରୁ ହଟିନଥିଲେ। ପ୍ରଧାନ ଶିକ୍ଷକଙ୍କ ବାତିଲ ଆଦେଶନାମା ନ ଆସିବା ଯାଏ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଶିକ୍ଷା କମିଟି ସଭାପତି ସନ୍ତୋଷ କୁମାର ସାହୁ କହିଛନ୍ତି। ଫଳରେ ଅତିରିକ୍ତ ଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ କହି ଫେରି ଆସିଛନ୍ତି। ଗତ ମାସରେ ଉକ୍ତ ବିଦ୍ୟାଳୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ସହ ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କୁ ବଦଳି ହେବା ଜାଣି ଗ୍ରାମବାସୀ ଓ ଶିକ୍ଷା କମିଟି ବିଦ୍ୟାଳୟରେ ତାଲା ପକାଇଛନ୍ତି।

# ମାଙ୍କଡ଼ ଆତଙ୍କ, ୧୦ ଆହତ

ଧରାକୋଟ,୬।୧୨(ଡି.ଏନ୍.ଏ.)

ଧରାକୋଟ, ଗଡ଼ଦାମଦରପଲ୍ଲୀ ଗ୍ରାମରେ ମାଙ୍କଡ଼ ଆତଙ୍କରେ ୯ଜଣ ଆହତ ହୋଇଥିବା ବେଳେ ମାୟାଡାକୁଆ ଗୁରୁତର ହୋଇଛନ୍ତି। ତାଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ କୁମାରୀ ଡାକୁଆ, ଗଣପି ଗୌଡ଼, ଗଙ୍ଗାଗୌଡ଼, କେଶବଗୌଡ଼, ଅର୍ଜୁନ ମହାପାତ୍ର, ସୁଲତା ସେଠୀ ପ୍ରମୁଖ ଚିକିତ୍ସିତ ହୋଇ ଫେରିଛନ୍ତି। ଅଭିଯୋଗ ପାଇ ବନପାଳ ଦୁର୍ଗା ମାଧବ ମିଶ୍ର କର୍ମଚାରୀଙ୍କୁ ଉକ୍ତ ଗ୍ରାମରେ ମୁତୟନ କରି ମାଙ୍କଡ଼କୁ ଗାଁରୁ ତଡ଼ିବା ନେଇ ନଜର ରଖାଯାଇଛି ବୋଲି କହିଛନ୍ତି। ୫ ଦିନ ଧରି ନଦୀପଠା, ପୋଖରୀ ତୁଠ, ଠାକୁରାଣୀ ମନ୍ଦିର ପାର୍ଶ୍ୱ, ଆମ୍ବତୋଟାରେ ରହି ଲୋକଙ୍କୁ ଆକ୍ରମଣ କରୁଛି।

■ଜାତୀୟ ରାଜପଥରେ ଯାଞ୍ଚ

# ଚୋରା ମଦ, ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୬।୧୨(ଡି.ଏନ.ଏ.)

ଜାତୀୟ ରାଜପଥରେ ଘଟୁଥିବା ଅପରାଧମୂଳକ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ରାତିରେ ୧୬ ନଂ.ଜାତୀୟ ରାଜପଥର ଜଗନ୍ନାଥପୁର ଠାରୁ ରମ୍ଭା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁଙ୍କ ନେତୃତ୍ୱରେ ଅବକାରୀ, ପରିବହନ ଓ ରାଜସ୍ୱ ବିଭାଗର ଅଧିକାରୀ ମିଳିତ ଚଢାଉ କରିଥିଲେ। ବିଭିନ୍ନ ଢାବା ଓ ପାନ ଦୋକାନ ଉପରେ ଚଢାଉ କରାଯାଇ ଚୋରା ମଦ ରଖିଥିବା ୭ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ବେଆଇନ ଭାବେ ଜାତୀୟ ରାଜପଥ ଉପରେ ଭାରିଯାନ ରଖିବା ଓ ବେପାରୁଆ ଗାଡି ଚାଳନା ପାଇଁ ୧୧ ଗାଡିର କାଗଜପତ୍ର ଜବତ କରାଯାଇଛି । ୨ ଗାଡି ଚାଳକ ନିଶାସକ୍ତ ଥିବା ଯାଞ୍ଚରୁ ଜଣାପଡିଥିଲା। ସେମାନଙ୍କ ନାଁରେ ମଧ୍ୟ ମାମଲା ରୁଜୁ କରାଯିବ। ୧୧ ଗାଡି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ସେମାନଙ୍କଠାରୁ ୭୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢାଉରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଗଞ୍ଜାମ ତହସିଲଦାର ଶାନ୍ତନୁ କୁମାର ପରିଡା, ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ, ଅବକାରୀ ଅଧିକ୍ଷକ ରାମଚନ୍ଦ୍ର ମିଶ୍ର, ଅବକାରୀ ଇନ୍ସପେକ୍ଟର ଗଙ୍ଗା ପାଇକରାୟ, ସବଇନ୍ସପେକ୍ଟର ଦୁର୍ଯ୍ୟୋଧନ ଦିଗାଲ ଓ ଉମାକାନ୍ତ ସ୍ୱାଇଁ ଏବଂ ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୫୮୫୦/୯୪୩୯୬୮୩୯୯୯)

ଦୂରଭାଷ: ୦୬୮୪-୨୫୮୦୧୦୧/୨୫୪୯୩୦୨









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ଷଡ଼ପଥୀ